# ସାମୁହିକ ଚେତନାର ବିକାଶ -ନୃସିଂହ ଗୁରୁ

ଶ୍ରୀ ପୂର୍ଣ୍ଣଚନ୍ଦ୍ର ପାତ୍ରୀ

୧୯୮୪ ମସିହା ଜାନୁଆରୀ ୨ତାରିଖରେ ଏକ ସନ୍ଦିଗ୍ଧ ବେଳାରେ ପଶ୍ଚିମ ଓଡିଶାର ସାମ୍ବାଦିକତା ଆକାଶରୁ ଏକ ଉଜ୍ଜଳ ନକ୍ଷତ୍ର ଅଗଣିତ ଜନତାର ଅଗୋଚରରେ ମଧ୍ୟପ୍ରଦେଶ(ବର୍ତ୍ତମାନର ଛତିଶଗଡ) ର ସାରଙ୍ଗଡ଼ ସହରସ୍ଥିତ ନିଜ ଶଶ୍ୱରାଳୟରେ ସ୍ୱର୍ଗତ ଗୁରୁଙ୍କର ଆତ୍ମା ପଂଚଭୂତରେ ମିଶିଗଲା ।

ଧରାପୃଷ୍ଠରେ କୋଟିକୋଟି ଜୀବ ଜନ୍ମ ନେଉଛନ୍ତି ଏବଂ ଇହଲୀଳା ସମ୍ବରଣ କରୁଥିବା ଏକ ଧରାବନ୍ଧା ନିୟମ କାଳସ୍ରୋତରେ ଜନ୍ମମାତ୍ରକେ ମୃତ୍ୟୁ ସୁନିଶ୍ଚିତ କିନ୍ତୁ ପରଲୋକଗତ ସ୍ୱର୍ଗତ ନୃସିଂହ ଗୁରୁଙ୍କର ଦୂଃଖଦ ସମ୍ବାଦ ତାଙ୍କୁ ଜାଣିଥିବା ଶୁଣିଥିବା ତଥା ଦେଖିନଥିବା ଲୋକଙ୍କର ଆଖିରେ ମଧ କିଛି ସମୟ ପାଇଁ ଲୁହଧାର ଗଡାଇବା ସହିତ ସ୍ମୃତିଚାରଣର ଗୁଞ୍ଜରଣ ସୃଷ୍ଟି କରିଥିଲା ସେଥିରେ କିଛି ଆଶ୍ଚର୍ଯ୍ୟ ହେବାର କାରଣ ନାହିଁ କିନ୍ତୁ ତାଙ୍କର ମରଣ ପର୍ଯ୍ୟନ୍ତ "ସମାଜ" କହିଲେ ପଶ୍ଚିମ ଓଡିଶାବାସୀ ସ୍ୱର୍ଗତ ନୃସିଂହ ଗୁରୁଙ୍କୁ ବୁଝୁଥିଲେ କାରଣ ସ୍ୱର୍ଗତ ଗୁରୁ ଅବିଭକ୍ତ ସମ୍ବଲପୁର ଜିଲ୍ଲାର ରାଜ୍ୟର ପ୍ରତିଷ୍ଠିତ ସମ୍ବାଦପତ୍ର (ସମାଜର) ଜଣେ ଅପ୍ରତିଦ୍ୱନ୍ଦୀ ସାମ୍ବାଦିକ ତଥା ଜିଲ୍ଲା ପ୍ରତିନିଧି ଥିଲେ । ତାଙ୍କୁ କେବଳ ପଶ୍ଚିମ ଓଡିଶା ନୁହେଁ ସାରା ଓଡିଶାର ବିଭିନ୍ନ ପ୍ରାନ୍ତରର ସାମ୍ବାଦିକ ମାନେ ଗୁରୁ ମାନ୍ୟରେ ସମ୍ମାନ ପ୍ରଦର୍ଶନ କରୁଥିଲେ ।

କଟକ ସ୍ଥିତ ସମାଜ ଅଫିସକୁ ଓଡିଶାର ବିଭିନ୍ନ ଅଂଚଳରୁ ସାମ୍ବାଦିକ ମାନଙ୍କ ଠାରୁ ଆସୁଥିବା ସମ୍ବାଦ,ସଭାସମିତିର ବିବରଣୀ,ନେତାମାନଙ୍କ ବିବୃତିମାନ ପଢି କାଟଛାଟ ସଂଶୋଧନ କରି ପ୍ରକାଶ ଉପଯୋଗୀ କରିବାକୁ ତିନି ଚାରୋଟି ଲେଖାଁଏ ସବ୍ ଏଡିଟର ନିଯୁକ୍ତ ହେଇଥାନ୍ତି କିନ୍ତୁ ସ୍ୱର୍ଗତ ଗୁରୁଙ୍କ କ୍ଷେତ୍ରରେ ଥିଲା ଏକ ବ୍ୟତିକ୍ରମ । ଗୁରୁବାବୁ ତାଙ୍କର ସମ୍ବାଦ,ନେତାଙ୍କର ବକ୍ତବ୍ୟ,ସଭାସମିତିର ବିବରଣୀକୁ ନିର୍ଭୁଲ ଭାବରେ ପରିବେଷଣ କରି ପଠାଇଥାନ୍ତି । ତାଙ୍କର ଅକ୍ଷର ଓ ଦସ୍ତଖତ ଦେଖିଲା ମାତ୍ରେ ଏଡିଟର ସେଗୁଡିକୁ ସିଧା କମ୍ପୋଜିଂ ପାଇଁ ପଠାଇ ଦେଉଥିଲେ । ସମ୍ବାଦ କ୍ଷେତ୍ରରେ ସେ ଜଣେ ଆଦର୍ଶ ସାମ୍ବାଦିକ ଥିଲେ । ସେ ତାଙ୍କର ଶେଷ ନିଶ୍ୱାସ ପର୍ଯ୍ୟନ୍ତ ସମାଜର ପ୍ରତିନିଧି ତଥା ନିଷ୍ପାପର ସାମ୍ବାଦିକ ରୂପେ ନିଜକୁ ଆଦରି ନେଇଥିଲେ । ସେ ସଦାସର୍ବଦା ତାଙ୍କ ନିର୍ଭୁଲ ଏବଂ ସ୍ୱୟଂ ସଂପୁର୍ଣ୍ଣ ସମ୍ବାଦ ପଠାଉ ଥିବାରୁ ଅବିଭକ୍ତ ସମ୍ବଲପୁର ଜିଲ୍ଲାରେ ସମାଜର ଖ୍ୟାତି ଓ ପ୍ରସାର ବୃଦ୍ଧି ପାଇ ଆଜି ସୁଦ୍ଧା ସେଇ କ୍ରମରେ ଚାଲି ଆସିଛି ।

ନମସ୍ୟ ସ୍ୱର୍ଗତ ଗୁରୁ । ସରଳ ଜୀବନ ଯାପନ ପଦ୍ଧତି ,ଆଣ୍ଠୁ ଲୁଚୁ ନଥିବା ମୋଟା ଧୋତି ଚଦର ଛଡା କୁରୁତାକାମିଜ ବ୍ୟବହାର ନକରି ଖାଲିପାଦରେ ଯିବା ଆସିବା କରୁଥିବାରୁ ଠିକ୍ ଜଣେ କଠୋରପନ୍ଥୀ ଗାନ୍ଧି ବାଦୀ ଭାବରେ ନିଜକୁ ସାବ୍ୟସ୍ତ କରିପାରିଥିଲେ ଏଣୁ ତାଙ୍କୁ ଏ ଯାବତ୍ ପଶ୍ଚିମ ଓଡିଶାର ଗାନ୍ଧୀ ବୋଲି ଅବିହିତ କରୁଛନ୍ତି ।

ଆଜି ସ୍ମରଣ କରିବାର ସୁଯୋଗ ଆସିଛି । ଜ୍ୱଳନ୍ତ ବ୍ୟକ୍ତି ପ୍ରତିଭା ଆଦର୍ଶ ଚିର ଜାଜ୍ୱଲ୍ୟମାନ ହୋଇ ରହିବାର ବ୍ୟବସ୍ଥାକୁ ଆଜିର ଜନତା କିପରି ଭାବରେ ଗ୍ରହଣ କରୁଛି ଦେଖିବାର କଥା । ଜାଣିବାଲୋକ,ଶୁଣିବାଲୋକ ଆଶ୍ଚର୍ଯ୍ୟ ହେବେ ଯେ ସ୍ୱାଧୀନତା ପରେ ଜନ୍ମଗ୍ରହଣ କରିଥିବା ସଂପ୍ରତି ଯୁବପିଢୀ ତଥା ସ୍କୁଲ କଲେଜର ଛାତ୍ର ଛାତ୍ରୀ ଏ ଯାବତ ଜାଣିପାରିନାହାଁନ୍ତି ଯେ ସ୍ୱର୍ଗତ ଗୁରୁ କିଏ ? କିମ୍ବା ଜାଣିବାର କୈଣସି ଉପକ୍ରମ ସମ୍ବଲପୁର ବିଶ୍ୱବିଦ୍ୟାଳୟ କିମ୍ବା ଶିକ୍ଷା କ୍ଷେତ୍ରରେ ବ୍ୟବସ୍ଥା ଆରମ୍ଭ ହୋଇନାହିଁ । ମୋର ଜ୍ଞାନର ପରିପକ୍ୱତା ହେବାଦିନଠାରୁ ପଶ୍ଚିମ ଓଡିଶାର ମୁଷ୍ଟିମେୟ,ସ୍ୱନାମଧେୟ,ସ୍ୱାଧୀନତା ସଂଗ୍ରାମୀ ଏବଂ ଦେଶ ତଥା ସମାଜସେବକ ମାନଙ୍କୁ ସ୍ୱଚକ୍ଷୁରେ ଦେଖିଛି ଏବଂ ଅଙ୍ଗେ ନିଭେଇଛି । କର୍ମ ,ତ୍ୟାଗ,ସେବା , ନୈଷ୍ଠିକତା ଅନୁପାତରେ ସେମାନଙ୍କ ମଧ୍ୟରେ ସ୍ୱର୍ଗତ ଗୁରୁଙ୍କର ସ୍ଥାନ ଅଗ୍ରଗଣ୍ୟ କହିଲେ ଅତ୍ୟୁକ୍ତି ହେବନାହିଁ ।

ନିଷ୍ଠାପର ସାମ୍ବାଦିକ ସ୍ୱର୍ଗତ ଗୁରୁ ୧୯୦୨ ମସିହାରେ ସମ୍ବଲପୁର ଜିଲ୍ଲାର ଏକ ଅଖ୍ୟାତପଲ୍ଲୀ ଗୁରୁପାଲିରେ ଏକ ମଧ୍ୟବିତ୍ତ ବ୍ରାହ୍ମଣ ପରିବାରରେ ଜନ୍ମଗ୍ରହଣ କରିଥିଲେ । ପିଲାଦିନରୁ ମେଧାବୀ ଛାତ୍ର ଭାବରେ ତାଙ୍କର ଖ୍ୟାତି ଥିଲା । ସ୍କୁଲ ପରୀକ୍ଷା ମାନଙ୍କରେ କୃତିତ୍ୱର ସହିତ ଉତ୍ତୀର୍ଣ୍ଣ ହୋଇ ବୃତ୍ତି ପାଉଥିଲେ । ସେ ସମ୍ବଲପୁର ଜିଲ୍ଲାସ୍କୁଲରେ ଠିକ୍ ଏକାଦଶ ଶ୍ରେଣୀରେ ପଦାର୍ପଣ କରିଛନ୍ତି କି ନାହିଁ ଏକ ବିରାଟ ପରିବର୍ତ୍ତନ ଦେଖାଦେଲା । ୧୯୨୧ ମସିହା ଜାନୁଆରୀ ମାସରେ ଜାତୀୟ ପିତା ମହାତ୍ମା ଗାନ୍ଧୀଙ୍କର ଆହ୍ୱାନରେ ଅନୁପ୍ରାଣିତ ହୋଇ ଜିଲ୍ଲାସ୍କୁଲ ବର୍ଜନ କଲେ ଓ ପରେ ଜାତୀୟ ବିଦ୍ୟାଳୟରେ ଯୋଗଦାନ କଲେ । ତତ୍କାଳୀନ ପରିସ୍ଥିତି ତାଙ୍କ ପାଠପଢା ଏବଂ ନିଜର ଭବିଷ୍ୟତ ଜୀବନ ଗଠନରେ ଏକ ବିରାଟ ଅନ୍ତରାୟ ସୃଷ୍ଟି କଲା । ଯେଉଁ ସମୟରେ ମଧ୍ୟବିତ୍ତ ପରିବାରର ସନ୍ତାନମାନେ ପାଠପଢି ଉଚ୍ଚ ସରକାରୀ ଚାକିରୀ ପାଇଁ ସ୍ୱପ୍ନ ଦେଖୁଥିଲେ ସେଇ ସମୟରେ ଗୁରୁଙ୍କ ଜାତୀୟ ଚେତନା ଏତେ ତୀବ୍ର ଥିଲା ଯେ ସେ ଉଚ୍ଚ ଚାକିରୀ କରି ବଡଲୋକ ହେବାର ନିଶ୍ଚିତ ଆଶାକୁ ପଦାଘାତ କରିଦେଇଥିଲେ ଓ ପରେ ନିଷ୍ଠାପର କଂଗ୍ରେସ କର୍ମୀ ଭାବରେ ତାଙ୍କର କାର୍ଯ୍ୟ ଆରମ୍ଭ କଲେ ।

ସ୍ୱର୍ଗତ ଗୁରୁ ବୁଝୁଥିଲେ ଯେ ଜୀବନସାଧନା କେବଳ ଆବଶ୍ୟକ ନୁହେଁ, ଅପରିହାର୍ଯ୍ୟ ମଧ୍ୟ ଓ ସମ୍ବାଦ ସେବା ହିଁ ସମାଜ ସେବାର ପ୍ରଧାନ ଅଙ୍ଗ । ଏଣୁ ସେ ସମ୍ବାଦ ମାଧ୍ୟମରେ ନିଜକୁ ଜଣେ ଉଚ୍ଚକୋଟୀର ସମାଜେସବକ ରୂପରେ ପ୍ରତିପାଦିତ କରିପାରୁଥିଲେ । ସ୍ୱର୍ଗତ ଗୁରୁ ଜଣେ ସ୍ୱାଭିମାନୀ ସମ୍ବାଦିକଥିଲେ । ତାଙ୍କ ଭାଷାରେ ଉତ୍କଳୀୟ ସଂସ୍କୃତିକୁ ବଂଚାଇ ରଖିବାପାଇଁ ନିଷ୍ଠାପର ତଥା ପୂଜ୍ୟପୂଜା ସାମ୍ବାଦିକର ଆବଶ୍ୟକତା ଯୁଗେ ଯୁଗେ ରହିଛି ଏବଂ ବିକୃତ ସମାଜରେ ବିଦ୍ୟା ସହିତ ଉଚ୍ଚକୋଟୀର ସମ୍ବାଦ ପରିବେଷଣ କେବଳ ଦେଶର ସଂସ୍କୃତିକୁ ବଂଚାଇ ରଖିପାରିବ । ସ୍ୱର୍ଗତ ଗୁରୁ ଏକାଧାରରେ ଜଣେ ନୈଷ୍ଠିକ ସାମ୍ବାଦିକ,ଦେଶପ୍ରେମୀ,ସ୍ୱାଧୀନତାସଂଗ୍ରାମୀ , ସମାଜସେବକ,ଉଚ୍ଚକୋଟୀରକୃଷକ,ଶିକ୍ଷାପ୍ରେମୀ,ଗରିବ ହରିଜନ ସଂପ୍ରଦାୟର ପଥପ୍ରଦର୍ଶକ ଏବଂ ଶୁଭାକାଂକ୍ଷୀ,ଧର୍ମନିଷ୍ଠ ତଥା ପ୍ରକୃତ ବ୍ରାହ୍ମଣ ଥିଲେ ।

ସଂପ୍ରତି ମୂଲ୍ୟବୋଧ ନଥିବା କଳୁଷିତ ରାଜନୈତିକ ତଥା ଅସାମାଜିକ ଶ୍ରେଣୀର ନାଗରିକ ମାନଙ୍କର ଛତ୍ରଛାୟା ତଳେ ଥାଇ କେତେକ କାମଳ ସ୍ୱାମାଦିକ ନୀତିହୀନ ଅରୁଚିପୂର୍ଣ୍ଣ ତଥା ସଂପୂର୍ଣ୍ଣ ସ୍ୱାର୍ଥଜଡିତ ସମ୍ବାଦ ପରିବେଷଣ କରି ରାତାରାତି ବଡଲୋକ ହୋଇଯାଉଥିବା ସ୍ଥଳେ ସ୍ୱର୍ଗତ ଗୁରୁ ତାର ଏକ ବ୍ୟତିକ୍ରମ ଥିଲେ । ସେ ନିଜର ଆତ୍ମବିଶ୍ୱାସ ନହେବା ପର୍ଯ୍ୟନ୍ତ କୌଣସି ଲୋକଶୁଣା ସମାଜଦ୍ରୋହୀ ସମ୍ବାଦ ପଠାଇବାକୁ ପଶ୍ଚାଦପଦ ହେଉଥିଲେ । ଏଣୁ ତାଙ୍କୁ ବହୁବାର ଅପ୍ରୀତିକର ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡୁଥିଲା ।ସ୍ୱର୍ଗତ ଗୁରୁଙ୍କଭଳି ଜଣେ ଉଚ୍ଚକୋଟୀର ସମ୍ବାଦିକ ଯେ କି ତାଙ୍କର ସମସ୍ତ ପ୍ରକାର ସ୍ୱାର୍ଥକୁ ତ୍ୟାଗ କରି ସମାଦ୍ଦିକତା ନିମନ୍ତେ ନିଜକୁ ଉତ୍ସର୍ଗ କରିଦେଇଥିଲେ । ତାଙ୍କର ପରିଣତ ବୟସରେ ଯେଉଁ ଭାବରେ ତତ୍କାଳୀନ "ସମାଜ"ର କର୍ମକର୍ତ୍ତା ତଥା କର୍ତ୍ତୃପକ୍ଷଙ୍କ ଠାରୁ ବ୍ୟବହାର ପାଇଥିଲେ ତାହା ସଂପୂର୍ଣ୍ଣ ଖୋଲି ନକହିବା ଭଲ କିନ୍ତୁ କଥାରେ ଅଛି ଅବହେଳିତ ମଣିଷର ପୁଞ୍ଜିଭୁତ ଅସନ୍ତୋଷ,ଉତ୍ତେଜନାରେ ପରିଣତ ହୁଏ ମାତ୍ର ନିଷ୍କପଟ ଜୀବନଯାପନ କରୁଥିବା ଗାନ୍ଧିବାଦୀ ସ୍ୱର୍ଗତ ନୃସିଂହ ଗୁରୁ ଥିଲେ ଏକ ଭିନ୍ନ ଉଦାହରଣ ଏଣୁ ତାଙ୍କଭଳି ବ୍ୟକ୍ତି ପ୍ରତିଭା ସମ୍ପନ୍ନ ସାମ୍ବାଦିକ ଯୋଉଁ ଆଦର୍ଶ ସମାଜକୁ ଦେଖେଇ ଦେଇ ଯାଇଛନ୍ତି ତାହା ଆଗାମୀ ଯୁବପିଢିର ପଥ ପ୍ରଦର୍ଶକ ହେବ ବୋଲି ଆଶା କରାଯାଏ ।

ଅବସରପ୍ରାପ୍ତ ପ୍ରଶାସକ
ବୁଢାରଜା,ସମ୍ବଲପୁର